## ସଂକ୍ଷେପରେ

### ମହିଳାଙ୍କୁ ୩ ଦିନିଆ ତାଲିମ

ଚନ୍ଦ୍ରପୁର, ୨୬।୭(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ମିଶନ ଶକ୍ତି ଗୃହରେ ଶୁଭଲକ୍ଷ୍ମୀ ମହିଳା ମହାସଂଘ ପକ୍ଷରୁ ୩ ଦିନିଆ ତାଲିମ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ତାଲିମଦାତାଭାବେ ତ୍ରିବିକ୍ରମ ରଥ ଏବଂ ମହମ୍ମଦ କାର୍ଦି ଇକବାଲ୍ ଯୋଗ ଦେଇଛନ୍ତି। ଏଥିରେ ଜିପିଏଲ୍ଏଫ୍ ସଭାନେତ୍ରୀ ଓ ସମ୍ପାଦିକାଙ୍କ ସହ ଆଞ୍ଚଳିକ ମଞ୍ଚର କାର୍ଯ୍ୟକାରୀ ସଦସ୍ୟା, ଗୋଷ୍ଠୀ ସହାୟିକା ଉପସ୍ଥିତ ରହି ତାଲିମ ଗ୍ରହଣ କରିଥିଲେ। ଉକ୍ତ ତାଲିମ କାର୍ଯ୍ୟକ୍ରମରେ ବ୍ଲକ ଓଏଲ୍ଏମ୍ ଅଧିକାରୀ, ଶ୍ରବଣ ସିଂ, ଗୋପାଳ କୃଷ୍ଣ ଖଟୁଆ ଏବଂ ସବିତା ମୁଣ୍ଡିକା ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ମାଧମରେ ୫ ବର୍ଷ ଭିତରେ ଏସ୍ଏଚ୍ଜି ମହିଳାଙ୍କ ଦ୍ୱାରା ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ କ'ଣ ପଦକ୍ଷେପ ନିଆଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ଗ୍ୟାସ୍ ଟ୍ୟାଙ୍କର ଦୁର୍ଘଟଣା

ରାୟଗଡ଼ା ଅଫିସ, ୨୬।୭- ବାରିଝୋଲା ଗ୍ରାମପାର୍ଶ୍ୱ ଦେଇ ଯାଉଥିବା ରାୟଗଡ଼ା ସହରର ବାଇପାସ୍ ରୋଡ୍ ୩୨୬ ନଂ. ଜାତୀୟ ରାଜପଥ ଦେଇ ରାଇପୁର ଆଭିମୁଖ୍ୟ ଯାଉଥିବା ଏକ ଏଲ୍ପିଜି ଗ୍ୟାସ୍ ଟ୍ୟାଙ୍କର(କେଏ-୦୧ଏଏଚ୍-୨୬୦୭) ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ବାରିଝୋଲା ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଚାଳକକୁ ସାହାଯ୍ୟ କରିବା ସହ ଆମ୍ବୁଲାନ୍ସରେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଉକ୍ତ ଟ୍ରକ୍ଟି ଏଭରଗ୍ରୀନ କମ୍ପାନୀର ଏବଂ ଚାଳକ ରାମପ୍ରସାଦଙ୍କ ହାତ ଭାଙ୍ଗିଯାଇଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

### ୩ ଗଞ୍ଜେଇ ଚାଲାଣକାରୀ ଗିରଫ

କୋଷାଗୁମୁଡ଼ା, ୨୬।୭(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଅଧୀନ ହର୍ଦ୍ଦଲି ଗ୍ରାମ ନିକଟରେ ମଙ୍ଗଳବାର ୩ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କୋରାପୁଟ ଜିଲା ବୈପାରୀଗୁଡ଼ା ଥାନା କଟରାଗୁଡା ଗ୍ରାମର ସୁନାଧର ହନ୍ତାଳ, ବମେଲ ଗ୍ରାମର ହରିଶ୍ଚନ୍ଦ୍ର ନାୟକ ଓ ଜୟପୁର ଇରିଗେସନ କଲୋନୀର ରବି ନାୟକ। କୋଷାଗୁମୁଡା ଥାନା ପୋଲିସ ଗଞ୍ଜେଇ ଚାଲାଣ ଖବରପାଇ ଏକ ଅଟୋ ଓ ବାଇକ୍କୁ ଅଟକାଇ ଯାଞ୍ଚ କରିଥିଲା। ଉକ୍ତ ଅଟୋରୁ ଗଞ୍ଜେଇ ପ୍ୟାକେଟ୍ ମିଳିଥିଲା। କୋଡିଙ୍ଗା ଅତିରିକ୍ତ ତହସିଲଦାର ସବ୍ୟସାଚୀ ଜେନାଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରାଯାଇଥିଲା। ଅଟୋରୁ ୨୮ କିଲୋ ୮୦ ଗ୍ରାମ ଗଞ୍ଜେଇ ମିଳିଛି। କୋଷାଗୁମୁଡା ଥାନାରେ କେସ୍ ନଂ ୧୦୫/୨୨ରେ ମାମଲା ରୁଜୁ କରାଯାଇଛି।

### ଆଦର୍ଶ ବିଦ୍ୟାଳୟରେ ଚାରାରୋପଣ

କୋଲନରା, ୨୬।୭(ଡି. ଏନ୍.ଏ.)-ବିଜେଡିର ୨୫ତମ ପ୍ରତିଷ୍ଠା ଦିବସ ପୂର୍ତ୍ତି ଅବସରରେ ରାୟଗଡ଼ା ଜିଲା କୋଲନରା ବ୍ଲକ ଓ ଛାତ୍ର ବିଜେଡି ପକ୍ଷରୁ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟରେ ଚାରାରୋପଣ କରାଯାଇଛି। ଯୁବ ବିଜେଡି ସଭାପତି ରବି କୁମାର, ଛାତ୍ର ବିଜେଡି ବ୍ଲକ ସଭାପତି ଇସରାପୁ ସନ୍ତୋଷଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୋଲନରା ସମିତି ସଭ୍ୟ ରାଇସିଁ ତାଡିଙ୍ଗି, ଜିଲା ଛାତ୍ର ବିଜେଡି ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଚିନ୍ତାଡ଼ା,



ସମବାୟ ସମିତି ସଭାପତି ସୁକ୍ରୁ ଭାଇ, ଯୁବ ବିଜେଡି ଉପସଭାପତି ଶ୍ରୀକାନ୍ତ ତୋଇକା ,ସାଧାରଣ ସମ୍ପାଦକ ଲାଜର କିଲାନି, ସମ୍ପାଦକ ଟାମ୍ପରା ସାଇ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଆଦର୍ଶ ବିଦ୍ୟାଳୟର ଅଧାପିକା ଓ ଅଧାପକ ଏବଂ କର୍ମଚାରୀ କୋଲା ତିରୁପତି ରାଓ, ଅଶୋକ ତୋଇକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶିଶୁ, ମହିଳାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣରେ ଦୁର୍ନୀତି

ବିଷମକଟକ,୨୬।୭(ଡି.ଏନ୍.ଏ.)




- ଛତୁଆ ଯୋଗାଣରେ ବ୍ୟାପକ ହେରଫେର
- ନିର୍ଦ୍ଧାରିତ ଓଜନରୁ ମିଳୁଛି କମ୍ ଛତୁଆ, ଲଡୁ
- କେତେକ ସ୍ଥାନରେ ମାସ ମାସ ଧରି ମିଳୁନି ପୁଷ୍ଟିକର ଖାଦ୍ୟ

ରାଜ୍ୟ ଓ କେନ୍ଦ୍ର ସରକାର ଶିଶୁ, ଗର୍ଭବତୀ ଏବଂ ପ୍ରସୂତିଙ୍କୁ ଅପପୁଷ୍ଟିରୁ ସୁରକ୍ଷା ଦେବାକୁ ପୁଷ୍ଟିକର ଖାଦ୍ୟ ଯୋଗାଉଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ୬ ମାସରୁ ୩ ବର୍ଷ ବୟସ୍କ ପିଲାଙ୍କୁ ମାସକୁ ୧୨ଟି ଅଣ୍ଡା ଏବଂ ୨ କେଜି ୪୫୦ ଗ୍ରାମ ଛତୁଆ, ଗର୍ଭବତୀ ଏବଂ ପ୍ରସୂତିଙ୍କୁ ମାସକୁ ୧୨ଟି ଅଣ୍ଡା ଏବଂ ୪ କେଜି ୯୦୦ ଗ୍ରାମ ଛତୁଆ ପ୍ରଦାନ କରିବା ସହ ଅତିରିକ୍ତ ୫୦୦ ଗ୍ରାମର ୨୫ଟି ବାଦାମ ଲଡୁ ପ୍ରଦାନ କରୁଛନ୍ତି। ହେଲେ ଏହି ଯୋଜନାର ଅର୍ଦ୍ଧାଧିକ ସାମଗ୍ରୀ ବାଟମାରଣା ହେଉଛି। ସମନ୍ୱିତ ଶିଶୁ ବିକାଶ ଯୋଜନା(ଆଇସିଡିଏସ୍) କାର୍ଯ୍ୟାଳୟରେ ଦୁର୍ନୀତି ହେଉଥିବା ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲା ବିଷମକଟକ ବ୍ଲକରୁ ଅଭିଯୋଗ ଆସିଛି।

୬ ମାସରୁ ୩ ବର୍ଷ ବୟସର ଶିଶୁ, ପ୍ରସୂତୀ ଓ ଗର୍ଭବତୀଙ୍କୁ ସରକାରଙ୍କ ନିର୍ଦ୍ଧାରିତ ପରିମାଣରେ ଖାଦ୍ୟ ନ ଦେଇ କମ୍ ପରିମାଣରେ ଦିଆଯାଉଥିବା ଜଣାପଡ଼ିଛି। ବିଷମକଟକ ବ୍ଲକ ଅନ୍ତର୍ଗତ ସାହାଡ଼ା ପଞ୍ଚାୟତରେ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ଗର୍ଭବତୀ, ପ୍ରସୂତି ଏବଂ ଶିଶୁଙ୍କୁ ୨ କେଜି, ଗର୍ଭବତୀ ଏବଂ ପ୍ରସୂତିଙ୍କୁ ୩ କେଜିର ଛତୁଆ ପ୍ୟାକେଟ ଦିଆଯାଉଛି। ବାଦାମଲଡୁ ମଧ୍ୟ ୫୦୦ ଗ୍ରାମ ବଦଳରେ ୨୦୦ ଗ୍ରାମ ରହୁଛି। ଛତୁଆ ଯୋଗାଉଥିବା ସଂସ୍ଥା ଖାଉଟି ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରୁଛି। ଛତୁଆ ପ୍ୟାକେଟରେ ନିର୍ଦ୍ଧାରିତ ଓଜନରୁ କମ୍ ରହୁଥିବା ବେଳେ ଖାଦ୍ୟ ପ୍ରସ୍ତୁତି ତାରିଖ ଏବଂ ସମୟସୀମା ତାରିଖ ମଧ୍ୟ ଉଲ୍ଲେଖ ନାହିଁ। ଛତୁଆ ପ୍ରସ୍ତୁତ ସମୟରେ ଦାୟିତ୍ୱରେ ରହୁଥିବା ସୁପରଭାଇଜର ଏହାର ମାନ ଯାଞ୍ଚ, ପ୍ୟାକେଟ କରିବା ସମୟରେ ଓଜନ ଏବଂ ପ୍ରସ୍ତୁତି ତାରିଖ ଓ ସମୟସୀମା ଉଲ୍ଲେଖ ରହିଛି କି ନାହିଁ ଦେଖିବା କଥା। ହେଲେ ଏଠାରେ ଏ ସବୁରେ ବ୍ୟତିକ୍ରମ ରହିଥିବାରୁ ଦାୟିତ୍ୱରେ ଥିବା ସୁପରଭାଇଜରଙ୍କ କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠିଛି। ସେହିପରି ସାହାଡ଼ା ପଞ୍ଚାୟତର ଅନେକ ଅଙ୍ଗନୱାଡି କେନ୍ଦ୍ରରେ ୨ମାସକୁ ଥରେ ଛତୁଆ ଓ ୮ ଟି ଅଣ୍ଡା ଦେଇ ଦାୟିତ୍ୱ ସାରୁଥିବା ହିତାଧିକାରୀମାନେ କହିଛନ୍ତି। ହିତାଧିକାରୀଙ୍କ ନିମନ୍ତେ ଆସୁଥିବା ପୁଷ୍ଟିକର ଖାଦ୍ୟ ନିମ୍ନମାନର ଏବଂ ପରିମାଣ କମ୍ ଘଟଣାକୁ ଜିଲା ପ୍ରଶାସନ ଗୁରୁତର ସହ ନେଇ ତଦନ୍ତ କରିବା ଜରୁରୀ ବୋଲି ବୁଦ୍ଧିଜୀବୀ କହିଛନ୍ତି। ତେବେ ଅଙ୍ଗନୱାଡି କେନ୍ଦ୍ରରେ ହିତାଧିକାରୀଙ୍କ ଅଭିଯୋଗ ପରେ କେନ୍ଦ୍ରରେ ରହିଥିବା ଛତୁଆ, ବାଦାମଲଡୁକୁ ସର୍ବସମ୍ମୁଖରେ ଓଜନ କରାଯାଇଥିଲା। ପ୍ରକୃତରେ ପିଲାଙ୍କୁ ପ୍ରଦାନ କରାଯାଉଥିବା ଛତୁଆ ପ୍ୟାକେଟରେ ୨କେଜି, ମହିଳାଙ୍କ ଛତୁଆ ପ୍ୟାକେଟ ୩ କେଜି ଏବଂ ଲଡୁ ୨୦୦ ଗ୍ରାମ ରହିଥିବା କଥା ସାମ୍ନାକୁ ଆସିଥିଲା। ବ୍ଲକରେ ୧୭୨ ଅଙ୍ଗନୱାଡି କେନ୍ଦ୍ର ରହିଛି। ଏଥିରେ ୬ ମାସରୁ ୩ବର୍ଷର ୫୩୦୦ ପିଲା, ଗର୍ଭବତୀ ୧୧୦୯ ଏବଂ ପ୍ରସୂତି ୧୩୩୭ ରହିଛନ୍ତି। ଏତେ ସଂଖ୍ୟକ ହିତାଧିକାରୀଙ୍କ ଖାଦ୍ୟରୁ କାଟି ମାସକୁ କେତେ ଟଙ୍କା ଦୁର୍ନୀତି କରାଯାଉଛି ତାହା ସ୍ପଷ୍ଟ। ଏହାର ତଦନ୍ତକରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏନେଇ ସିଡିପିଓ ସୁଶୀଳା ଶବରଙ୍କୁ ପଚାରିବାରୁ ଛତୁଆ ଯୋଗାଣକାରୀ ସଂସ୍ଥାକୁ ଆସୁଥିବା ଗହମର ପରିମାଣ ବହୁତ କମ୍। ତେଣୁ ଛତୁଆ କମ୍ ଦିଆଯାଉଛି ବୋଲି କହିଛନ୍ତି। ଗହମ କାହିଁକି କମ୍ ଆସୁଛି ବୋଲି ପଚାରିବାରୁ ଏ ନେଇ ତାଙ୍କ ନିକଟରେ କୌଣସି ସୂଚନା ନାହିଁ, ଜିଲାପାଳ ଗହମ ବିଷୟ ବୁଝୁଛନ୍ତି ବୋଲି କହିଛନ୍ତି। ଛତୁଆ ଯୋଗାଣ ସଂସ୍ଥା ଠିକ୍ ଓଜନର ଗହମ ଦେବା ଦାବି କଲେ ଗହମ ଯୋଗାଣକାରୀ ସଂସ୍ଥା ଗହମ ଦେବାକୁ ମନା କରିଦେଉଛି ବୋଲି ଶିଶୁ ବିକାଶ ଅଧିକାରୀ କହିଛନ୍ତି। ଜିଲା ଶିଶୁ ମଙ୍ଗଳ ଅଧିକାରୀ ଯାଜ୍ଞସିନୀ ବେହେରାଙ୍କୁ ପଚାରବାରୁ ଦୁର୍ନୀତି ସମ୍ପର୍କରେ କୌଣସି ଅଭିଯୋଗ ପାଇନାହିଁ। ଘଟଣା ସମ୍ପର୍କରେ ନିଶ୍ଚିତଭାବେ ତଦନ୍ତ କରିବି ବୋଲି ସେ କହିଛନ୍ତି।



ପ୍ରଭାବିତ ଗାଁରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ପାଣି ନମୁନା ସଂଗ୍ରହ କରୁଛି।

# ଉମରକୋଟକୁ ବ୍ୟାପିଲା ଝାଡ଼ାବାନ୍ତି

ଉମରକୋଟ, ୨୬।୭(ସ୍ୱ.ପ୍ର.)

- ପ୍ରଭାବିତ ଗାଁରେ ସଚେତନ କରୁଛି ସ୍ୱାସ୍ଥ୍ୟ ବିଭାଗ
- ବଣ୍ଟାଯାଉଛି ସାବୁନ୍, ବ୍ଲିଚିଂ ସହ ହାଲୋଜିନ ବଟିକା

ନବରଙ୍ଗପୁର ଜିଲାର ଝରିଗାଁ, ନନ୍ଦାହାଣ୍ଡି ପରେ ଏବେ ଉମରକୋଟରେ ଜଣେ ଝାଡ଼ାବାନ୍ତି ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଉମରକୋଟ ବ୍ଲକ ତୋହରା ପଞ୍ଚାୟତ ଅଧୀନ ଟିପାପାଣି ଗ୍ରାମର ଉଦ୍ଧବ ମାଝି କୋରାପୁଟ ଜିଲା ଦଶମନ୍ତପୁରରୁ ଶନିବାର ଘରକୁ ଫେରିଥିଲେ। ରବିବାର ସେ ଝାଡ଼ା ଓ ବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସରପଞ୍ଚ ସଦାନନ୍ଦ ମାଝି ତାଙ୍କୁ ରବିବାର ରାତିରେ ନିଜ ଗାଡ଼ିରେ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଏବେ ତାଙ୍କ ଚିକିତ୍ସା ଚାଲିଛି। ଝାଡ଼ାବାନ୍ତିରେ ଆକ୍ରାନ୍ତ ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଯୁବକଙ୍କ ପରିବାର ସଦସ୍ୟଙ୍କୁ ଝାଡ଼ାବାନ୍ତି ପ୍ରିଭେଣ୍ଟିଭ ଔଷଧ ଦିଆଯାଇଥିବା ସୂଚନା ମିଳିଛି।

ତୋହରା ସରପଞ୍ଚ ସଦାନନ୍ଦ ମାଝି ଓ ଆଇସିଡିଏସ୍ ପରିଦର୍ଶକ ସରିତା ଜେନାଙ୍କ ତତ୍ତ୍ୱାବଧାନରେ ଡାକବାଜି ଯନ୍ତ୍ର ଦ୍ୱାରା ଗ୍ରାମବାସୀଙ୍କୁ ଝାଡ଼ାବାନ୍ତିକୁ ନେଇ ସଚେତନ କରାଯାଇଥିଲା। ପୂଜାରିଗୁଡା ଡାକ୍ତର ଅଭୟ ଦେ ଝାଡ଼ାବାନ୍ତି ଖବରପାଇ ସିଡିଏମ୍ଓ କାଳିପ୍ରସାଦ ବେହେରାଙ୍କୁ ଜଣାଇଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ସୋମବାର ପୂଜାରିଗୁଡା ସ୍ୱାସ୍ଥ୍ୟକେନ୍ଦ୍ରରୁ ୧୦ଜଣିଆ ଟିମ୍ ଡାକ୍ତର ଅଲିଙ୍କ ନେତୃତ୍ୱରେ ଟିପାପାଣି ଗ୍ରାମକୁ ଯାଇଥିଲେ। ଗ୍ରାମର ପ୍ରତ୍ୟେକ ଘରକୁ ଘର ଯାଇ ଝାଡ଼ାବାନ୍ତିକୁ ନେଇ ସଚେତନ କରିଥିଲେ। ହାତ ସାବୁନରେ ଧୋଇବାକୁ କୁହାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ଲିଚିଂ ପାଉଡର ବଣ୍ଟନ କରାଯାଇଛି। ଗ୍ରାମର ପ୍ରତ୍ୟେକ ଲୋକଙ୍କ ଘରେ ଘରେ ଯାଇ ଅଙ୍ଗନୱାଡି କର୍ମୀ ବିମଳା ହରିଜନ ନିଜ ମୋବାଇଲ ନମ୍ବର ଦେଇଛନ୍ତି। କିଛି ଅସୁବିଧା ହେଲେ ତୁରନ୍ତ ଯୋଗାଯୋଗ କରିବାକୁ ସେ କହିଛନ୍ତି। ମଙ୍ଗଳବାର ପୂଜାରିଗୁଡା ଡାକ୍ତର ଅଭୟ ଦେଙ୍କ ନେତୃତ୍ୱରେ ଏକ ଟିମ୍ ଟିପାପାଣିକୁ ଯାଇ ଔଷଧ, ବ୍ଲିଚିଂ, ସାବୁନ ବଣ୍ଟନ କରି ଗ୍ରାମବାସୀ ପିଉଥିବା ପାଣି ଯାଞ୍ଚ କରିଛନ୍ତି। ଖୋଲା କୂଅରେ ବ୍ଲିଚିଂ ପକାଇବା ସହ ପ୍ରତ୍ୟେକ ଘରେ ହେଲୋଜିନ ବଟିକା ଦିଆଯାଇଛି। ଏକ ଲିଟର ପାଣିରେ ଗୋଟିଏ ବଟିକା ପକାଇ ପାଣି ପିଇବାକୁ କୁହାଯାଇଛି। ବାସି ଓ ତେଲ ଜାତୀୟ ଖାଦ୍ୟ, ଜଙ୍ଗଲୀ ଛତୁ ଆଦି ନ ଖାଇବାକୁ ପରାମର୍ଶ ଦିଆଯିବା ସହ ନିଜ ସ୍ୱାସ୍ଥ୍ୟ ପ୍ରତି ସଜାଗ ରହିବାକୁ ସଚେତନ କରାଯାଇଛି। ଆଗାମୀ ୩ଦିନ ପର୍ଯ୍ୟନ୍ତ ଏମ୍ଏଚ୍ୟୁ ଓ ଆର୍ବିଏସ୍କେ ଟିମ୍ ଗାଁରେ ଯାଇ ସ୍ଥିତି ଯାଞ୍ଚ କରିବା ସହ ଲୋକଙ୍କୁ ସଚେତନ କରିବେ। ବର୍ତ୍ତମାନ ସୁଦ୍ଧା ଗ୍ରାମର ଅନ୍ୟ କୌଣସି ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇନାହାନ୍ତି। ଗ୍ରାମବାସୀ ସୁରକ୍ଷିତ ଅଛନ୍ତି ବୋଲି ଡାକ୍ତର ଅଭୟ ଦେ କହିଛନ୍ତି। ନିଜେ ୨/୩ଥର ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଡାକ୍ତରଖାନା ଅଧିକାରୀଙ୍କ ସହ ଯୋଗାଯୋଗ ଜାରି ରଖିଛି ବୋଲି ସେ କହିଛନ୍ତି।

# ଲାଞ୍ଚ ନେଇ ଧରାପଡ଼ିଲେ ପଦ୍ମପୁର ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ

ରାୟଗଡା ଅଫିସ/ପଦ୍ମପୁର (ଡି.ଏନ୍.ଏ.), ୨୬।୭

୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ରାୟଗଡା ଜିଲା ପଦ୍ମପୁର ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ଜିତୁ ପଟ୍ଟନାୟକ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଲାଞ୍ଚ ଟଙ୍କା ଜବତ ହେବାପରେ ତାଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ କୋରାପୁଟ ଭିଜିଲାନ୍ସ କେସ୍ ନମ୍ବର ୨୫/ ୨୨ରେ ମାମଲା ରୁଜୁ କରାଯାଇଛି।



ପ୍ରକାଶ ଯେ, ଜଣେ ବ୍ୟକ୍ତିଙ୍କଠାରୁ ଲିଫ୍ଟ ଇରିଗେଶନରେ ପୁନଃ ବିଦ୍ୟୁତ ସେବା ଯୋଗାଇ ଦେବାକୁ ସେ ଲାଞ୍ଚ ମାଗିଥିଲେ। ୨୬ ତାରିଖରେ ଓଡିଶା ଭିଜିଲାନ୍ସ ପକ୍ଷରୁ ଟ୍ରାପ କରାଯାଇ ଥିଲା। ପଦ୍ମପୁରସ୍ଥିତ ଭଡା ଘରୁ ଅଭିଯୁକ୍ତ ଜିତୁ ପଟ୍ଟନାୟକଙ୍କୁ ଗିରଫ କରାଯାଇଛି। ଜିତୁ ପଟ୍ଟନାୟକଙ୍କ ନିଜ ଘର ଗଞ୍ଜାମ ଜିଲାର ବ୍ରହ୍ମପୁର ହିଲପାଟଣାରେ ମଧ ଖୋଜା ଖୋଜି କରାଯାଇଛି।

# ଚୁକ୍ତିଭିତ୍ତିକ କର୍ମଚାରୀ ସଂଘର ଦାବିପତ୍ର



ଗୁଣପୁର ସହକାରୀ ଜିଲାପାଳଙ୍କୁ ଦାବିପତ୍ର ଗ୍ରହଣ କରୁଛନ୍ତି ।

ଗୁଣପୁର/ମୁନିଗୁଡା, ୨୬।୭(ଡି. ଏନ୍.ଏ.)

ଓଡିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ ରାଜ୍ୟ ଶାଖା ସଭାପତି ବିଜୟ ମଲ୍ଲଙ୍କ ନିର୍ଦ୍ଦେଶରେ ଗୁଣପୁର ଟାଉନ ହଲରେ ସଂଘର ଜିଲା ଶାଖା ପକ୍ଷରୁ ଗୁଣପୁର ଉପଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ସହକାରୀ ଜିଲାପାଳ ରାଜେନ୍ଦ୍ର ପ୍ରସାଦ ଚୌଧୁରୀଙ୍କୁ ପ୍ରଦାନ କରାଯାଇଥିଲା। ରାୟଗଡ଼ା ଜିଲାରେ କାର୍ଯ୍ୟରତ ସମସ୍ତ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନେଇ ଓଡିଶା ସରକାରଙ୍କ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଓ ଚୁକ୍ତିଭିତ୍ତିକ କାର୍ଯ୍ୟ ସମୟ ୬ବର୍ଷ ଅବଧିକୁ ସାମିଲ କରିବା ନିମନ୍ତେ ଏକ ଦସ୍ତଖତ ଅଭିଯାନ ଓ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ନିଷ୍ପତ୍ତି ଅନୁଯାୟୀ ଦାବିପତ୍ର ପ୍ରଦଦାନ କରାଯାଇଛି। କର୍ମଚାରୀମାନଙ୍କ ଦ୍ୱାରା ପ୍ରଦାନ କରାଯାଇ ଥିବା ଦାବିପତ୍ରରେ ମୁଖ୍ୟମନ୍ତ୍ରୀ ଯଥାଶୀଘ୍ର ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ କରିବେ ବୋଲି ଆଶା ବାନ୍ଧିଛନ୍ତି। ଏହି କାର୍ଯ୍ୟକ୍ରମରେ ସଂଘ ଉପଦେଷ୍ଟା ସଞ୍ଜିତ ପଣ୍ଡା, ଅକ୍ଷୟ ପଣ୍ଡା ଓ କାର୍ଯ୍ୟକାରୀ ସଦସ୍ୟ ପ୍ରସନ୍ନ ପଣ୍ଡା, ସୁନୀଲ ପାଣିଗ୍ରାହୀ ଏବଂ ଗୁଣପୁର ଉପଖଣ୍ଡରେ କାର୍ଯ୍ୟରତ ବିଭିନ୍ନ ବିଭାଗର ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ମଧ୍ୟରୁ ଏମ୍ ଭାଗ୍ୟଶ୍ରୀ, ଅଞ୍ଜଳି ମିଶ୍ର , ମୁନା ସାହୁ, ଶୁଭାଶିଷ ସ୍ୱାଇଁ, ନନ୍ଦିତା ଶବର, ଆଶୁତୋଷ ହୋତା, ରାଜେଶ ସାହୁ, ସୁଶାନ୍ତ ଦାସ, ବିନୋଦ ଶବର ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ମୁନିଗୁଡା ବ୍ଲକରେ କାର୍ଯ୍ୟରତ ସମସ୍ତ ଚୁକ୍ତିଭିତ୍ତିକ ସରକାରୀ କର୍ମଚାରୀମାନେ ମଧ ତହସିଲଦାର ଦେବାଶିଷ ଗୌଡ଼ ଓ ବିଡ଼ିଓ ଦିଲ୍ଲୀପ କୁମାର ବେହେରାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ସଂଘର ମୁନିଗୁଡା ଜୋନର ବାଳକୃଷ୍ଣ ରଥ ଓ ନୀଳକଣ୍ଠ ମିଶ୍ରଙ୍କ ସଂଯୋଜନାକ୍ରମେ ଧରଣୀ ରଞ୍ଜନ ଶବର, ସୁଶୀଲ ମଲ୍ଲିକ, ସ୍ମୃତିଶଙ୍କର ମିଶ୍ର, କଳ୍ପନା ସାହୁ, ମୋନାଲିଶା ମାର୍ଥା, ଧରିତ୍ରୀ ନାୟକ, ଜ୍ଞାନରଞ୍ଜନବାବୁଙ୍କ ସହିତ ଅନେକ ଚୁକ୍ତିଭିତ୍ତିକ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## ବାଲି ବୋଝେଇ ଗାଡିରୁ ୯୦ ହଜାର ଜରିମାନା

କୋଷାଗୁମୁଡ଼ା, ୨୬।୭(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ବାମୁଣୀ ପଞ୍ଚାୟତ ବ୍ରିଜ ବି, ଗୁମୁଣ୍ଡୁଳି ଇନ୍ଦ୍ରାବତୀ ସେତୁ ଛକରେ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ୩ ବାଲି ବୋଝେଇ ଟ୍ରକ୍ର କାଗଜ ପତ୍ର ଯାଞ୍ଚ କରିଥିଲା। ବାଲି ବୋଝେଇ ଟ୍ରକରେ କେଉଁ ଠାରୁ ବାଲି ନେଉଛନ୍ତି କୋଉଠି ନେଉଛନ୍ତି ଓ ରୟାଲିଟି ଦେଖାଇବାକୁ କହିଥିଲେ। କିନ୍ତୁ ରୟଲିଟି ଥିଲେ ମଧ୍ୟ ତାରିଖ ଉଲ୍ଲେଖ ନଥିଲା। ଟ୍ରକ୍ଗୁଡିକୁ କୋଷାଗୁମୁଡ଼ା ଥାନାରେ ଆଣି ଅଟକ



ରଖାଯାଇଥିଲା । ବିନା କାଗଜରେ ବାଲି ନେଉଥିବା ଜଣା ପଡିବା ପରେ କୋଡିଙ୍ଗା ଅତିରିକ୍ତ ତହସିଲଦାର ସବ୍ୟସାଚୀ ଜେନା ଓ ରାଜସ୍ୱ ନିରୀକ୍ଷକ ଗାଡିଗୁଡିକୁ ୯୦ ହଜାର ଟଙ୍କା ଜରିମାନା ପକାଇଛନ୍ତି।

## ଆଇନ ସଚେତନତା ଶିବିର

ଚନ୍ଦାହାଣ୍ଡି, ୨୬।୭(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଦଣ୍ଡାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ଅଧିକାର ଆଇନ ସମ୍ବନ୍ଧରେ ଆଲୋଚନା ଚକ୍ର ତଥା ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପ୍ରଥମ ଶ୍ରେଣୀ ବିଚାରପତି ହିମାଂଶୁ ଶେଖର ଆଚାର୍ଯ୍ୟ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ଏବିଡିଓ ନୀଳକଣ୍ଠ ଦାସ ଯୋଗ ଦେଇଥିଲେ। ଅତିଥିମାନେ ଶିକ୍ଷା ଅଧିକାର ଆଇନ ବିଷୟରେ ଆଲୋକ ପାତ କରିଥିଲେ। କାର୍ଯ୍ୟକ୍ରମକୁ ଆଇନଜୀବୀ ଜୟଦେବ ଖମାରୀ ପରିଚାଳନା କରିଥିଲେ। ଏଏସ୍ଆଇ ଲଳିତ ପଣ୍ଡା, ସିଏସ୍ଆଇ ରେଣୁ ପ୍ରଧାନ, ସର୍ବେଶ୍ୱର ପୂଜାରୀ, ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ନାୟକ, ସରୋଜ ମାଝି, ସୁଷମା ଦାସ, ସୌରୀ ରଞ୍ଜନ ସାହୁ, ବରିଷ୍ଠ ଓକିଲ ଗୁମାସ୍ତା ସିମାଞ୍ଚଳ ଗଣ୍ଡା, ଲକ୍ଷ୍ମୀଧର ବାଘ, ରବୀନ୍ଦ୍ର ସାମଲ, ନରେନ୍ଦ୍ର ମାଝି, ଲକ୍ଷ୍ମୀଧର ନାୟକଙ୍କ ସମେତ ସ୍କୁଲ ଛାତ୍ରୀ ଛାତ୍ର ଏବଂ ଅଭିଭାବକ ଯୋଗଦେଇଥିଲେ।

# ରାସ୍ତା ଉପରେ ଝୁଲି ରହିଛି ବିଦ୍ୟୁତ୍ ତାର

ନନ୍ଦାହାଣ୍ଡି,୨୬।୭(ଡି.ଏନ୍.ଏ.)

ନବରଙ୍ଗପୁରର ଜିଲା ନନ୍ଦାହାଣ୍ଡି ବ୍ଲକ ପଡ଼ାଲଗୁଡ଼ା ମୁଖ୍ୟ ରାସ୍ତାରେ ଝୁଲି ରହିଛି ହାଇ ଭୋଲ୍ଟେଜ ବିଦ୍ୟୁତ୍ ତାର। ତାରଟି ଆବଶ୍ୟକଠାରୁ କମ୍ ଉଚ୍ଚତାରେ ଝୁଲିଛି। ରାସ୍ତାଟି ନବରଙ୍ଗପୁର ଏବଂ ଇନ୍ଦ୍ରାବତୀକୁ ସଂଯୋଗ କରୁଥିବାରୁ ଦୁଇଚକିଆ, ଚାରିଚକିଆ ଗାଡ଼ି ସହିତ ବହୁ ଭାରିଯାନ ଯିବା ଆସିବା କରିଥାଏ। ଏହି ରାସ୍ତା ଦେଇ ଦୈନିକ ଶହ ଶହ ଗାଡ଼ି ଯିବା ଆସିବା କରୁଥିବାରୁ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ସୋମବାର ଏକ କେନ୍ଦୁପତ୍ର ବୋଝେଇ ଟ୍ରକ୍ ଏହି ତାର ସଂସ୍ପର୍ଶରେ ଆସିଯାଇଥିଲା। ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ସେ ଗାଡ଼ିଟିକୁ କାଟି ନେଇ ପଳାଇଥିଲେ। ଫଳରେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ। ଏପରି ଘଟଣା ବାରମ୍ବାର ଘଟୁଛି। ବିଦ୍ୟୁତ୍ ବିଭାଗକୁ ଏ ବିଷୟରେ ବାରମ୍ବାର କହିବା ପରେ ମଧ ଏ ଦିଗରେ ଦୃଷ୍ଟି ଦିଆଯାଉନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଭବିଷ୍ୟତରେ ଯଦି କୌଣସି ଦୁର୍ଘଟଣା ଘଟେ ତେବେ କିଏ ଦାୟୀ ରହିବେ ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି। ଏହି ରାସ୍ତା ପାଖରେ ନବରଙ୍ଗପୁର ଜିଲାର ଅଧିକାଂଶ ଉଚ୍ଚ ଅଧିକାରୀଙ୍କ ଅଫିସ ରହିଛି। କିନ୍ତୁ ଏ ଦିଗରେ କାହାର ଦୃଷ୍ଟି ନ ପଡିବା ଦୁଃଖର ବିଷୟ। ତୁରନ୍ତ ବିଦ୍ୟୁତ୍ ବିଭାଗ ଏହି ତାରକୁ ବାହାରକରି କେବୁଲ ଲଗାନ୍ତୁ ବୋଲି ପଡାଲଗୁଡା ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଭିଜିତ୍ ପାଢ଼ୀଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଜାଣି ସେଠାକୁ ଯାଇ ତଦନ୍ତ କରିଛି। ୧୫ ଦିନ ମଧ୍ୟରେ ସମସ୍ୟା ସମାଧାନ କରାଯିବ ବୋଲି ସେ କହିଛନ୍ତି।

# ଲୋକଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗଣ ଲକ୍ଷ୍ୟ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ରାୟଗଡା ଅଫିସ, ୨୬।୭

ଆଜାଦିକା ଅମୃତ ମହୋତ୍ସବ କାର୍ଯ୍ୟକ୍ରମରେ ଉଜ୍ଜ୍ୱଳ ଭାରତ ଉଜ୍ଜ୍ୱଳ ଭବିଷ୍ୟତ ପାୱାର @୨୦୪୭ ବିଦ୍ୟୁତ୍ ମହୋତ୍ସବ ମଙ୍ଗଳବାର ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ଜିଲାପାଳ ସ୍ୱଧାଦେବ ସିଂ ଉଦ୍‌ଘାଟନ କରିଥିଲେ। କେନ୍ଦ୍ର ଓ ରାଜ୍ୟ ଶକ୍ତି ବିଭାଗର ଏନଟିପିସି, ଓପିଟିସିଏଲ୍ ଓ ଟିପିଏସ୍ଓଡିଏଲ୍ ମିଳିତ ଆନୁକୂଲ୍ୟରେ ଏହି ମହୋତ୍ସବ ପାଳନ କରାଯାଇଛି। ଏଲସିଡି ମାଧମରେ ଶକ୍ତି ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ବିଦ୍ୟୁତ୍ ଉତ୍ପାଦନ, ବିଦ୍ୟୁତ୍ ସେବା ଆଦି ପ୍ରଦର୍ଶନ କରାଯାଇଛି। ବିଦ୍ୟୁତ ସଂରକ୍ଷଣ ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଲୋକଙ୍କୁ ଗୁଣାତ୍ମକ ଓ ନୀରବଚ୍ଛନ ବିଦ୍ୟୁତ୍ ସେବା ଯୋଗାଣ, ବିଦ୍ୟୁତ୍‌ର ଆବଶ୍ୟକତା ଓ ଉପକାରିତା, ସଂରକ୍ଷଣ ଓ ନିଜକୁ ସୁରକ୍ଷା ଦେବା ବିଷୟରେ ଅବଗତ କରାଇବା କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଟିପିଓଏସଡିଏଲ ନିର୍ବାହୀ ଯନ୍ତ୍ରୀ ନାରାୟଣ ନାୟକ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ବିବେକାନନ୍ଦ ଶର୍ମା, ଜିଲାପରିଷଦ ଅଧକ୍ଷା ସୁଶ୍ରୀ ସରସ୍ୱତୀ ମାଝି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀ, ଗୁଣପୁର ଉପଜିଲାପାଳ ଲୋକନାଥ ଦଳବେହେରା ଓ ରାୟଗଡା ଉପଜିଲାପାଳ ଭୀମସେନ ଶବର, ଓପିଟିସିଏଲ୍ ଡିଜିଏମ ନିହାର ରଞ୍ଜନ ରଏଙ୍କ ସମେତ ବିଦ୍ୟୁତ ବିଭାଗୀୟ ଅଧିକାରୀ, କର୍ମଚାରୀ, ଏସ୍ଏଚ୍‌ଜି ମହିଳା ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ଚୋରି ଉଦ୍ୟମ

ନବରଙ୍ଗପୁର/ନନ୍ଦାହାଣ୍ଡି, ୨୬।୭(ବି.ପ୍ର/ଡି. ଏନ୍. ଏ.)

**ଲକର ଭାଙ୍ଗି ନ ପାରି ଆଲମାରୀରୁ କାଗଜପତ୍ର ନେଇଗଲେ ଦୁର୍ବୃତ୍ତ**

ତାଲା ଭାଙ୍ଗି ବ୍ୟାଙ୍କରୁ ଚୋରି ଉଦ୍ୟମ ବିଫଳ ହୋଇଛି। ବ୍ୟାଙ୍କରୁ କୌଣସି ଟଙ୍କା ସୁନା ନେବାରେ ବିଫଳ ହେବା ପରେ ବ୍ୟାଙ୍କ ଭିତରେ ଥିବା ମ୍ୟାନେଜରଙ୍କ ବାଇକ ନେଇଗଲେ ଦୁର୍ବୃତ୍ତ। ନବରଙ୍ଗପୁର ଜିଲା ସଦର ଥାନା ଅଧୀନ ଡଙ୍ଗରଭେଜାସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କର ମୁଖ୍ୟ ଫାଟକ ତାଲା ଭାଙ୍ଗି ବାଇକ୍ ଚୋରି ହାଇଛି। ଚୋରି ଉଦ୍ୟମ ପରେ ପୋଲିସର ତଦନ୍ତ ଚାଲିଥିବାରୁ ଦିନଙ୍କ ପାଇଁ ବ୍ୟାଙ୍କ କାରବାର ବନ୍ଦ ଥିଲା ।

ସବୁଦିନ ଭଳି ସୋମବାର ଠିକ ସମୟରେ ବ୍ୟାଙ୍କ ବନ୍ଦ କରାଯାଇଥିଲା। କର୍ମଚାରୀମାନେ ମଙ୍ଗଳବାର ସକାଳୁ ବ୍ୟାଙ୍କ ଖୋଲିବା ପାଇଁ ଆସିବାବେଳେ ବ୍ୟାଙ୍କ ସମ୍ମୁଖ ମୁଖ୍ୟ ଫାଟକ ତାଲା ଭାଙ୍ଗିଥିବା ଓ ଭିତରେ ଥିବା ବାଇକ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ବ୍ୟାଙ୍କ ମ୍ୟାନେଜର ଡଙ୍ଗରଭେଜା ଫାଣ୍ଡିରେ ଅଭିଯୋଗ କରିଥିଲେ। ସନ୍ଧାନୀ କୁକୁର ସହିତ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସନ୍ଧାନୀ କୁକୁର ବ୍ୟାଙ୍କଠାରୁ କିଛି ଦୂର ପୋଖରୀ ନିକଟକୁ ଯାଇଥିଲା। ଲକର ରୁମ କାନ୍ଥ ଖୋଲା ଯାଇଛି କିନ୍ତୁ ଦୁର୍ବୃତ୍ତମାନେ ଲକର ଭାଙ୍ଗିବାରେ ବିଫଳ ହୋଇଛନ୍ତି। ଚୋରମାନେ କୌଣସି ଟଙ୍କା କିମ୍ବା ସୁନା ନେଇନପାରି ଶେଷରେ ଦୁଇଟି ଆଲମୀରା ଚାବି ତାଡି ସେଥିରେ ଥିବା କିଛି କାଗଜ ପତ୍ର ନେଇଯାଇଥିବା ବ୍ୟାଙ୍କ ମ୍ୟାନେଜର ଯଦୁମଣି ନାଗ ସନ୍ଦେହ କରିଛନ୍ତି। ବ୍ୟାଙ୍କରେ ଥିବା ସିସିଟିଭି କ୍ୟାମେରାକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ନବରଙ୍ଗପୁର ଥାନା ଏସ୍ଆଇ ସବୀର ଅହମ୍ମଦ, ରାକେଶ ବେହେରା, ଡଙ୍ଗରଭେଜା ଫାଣ୍ଡି ଅଧିକାରୀ ମୀନକେତନ ଗନ୍ତାୟତ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

# ବ୍ଲକକୁ ଶିଶୁ ଶ୍ରମିକ, ବାଲ୍ୟ ବିବାହମୁକ୍ତ ଭାବେ ଗଢ଼ିବାକୁ ଆହ୍ୱାନ

ପାପଡାହାଣ୍ଡି,୨୬।୭(ଡି.ଏନ୍.ଏ.)




ବୈଠକରେ ଉପସ୍ଥିତ ଅତିଥିମାନେ।

ଜିଲାରେ ଶିଶୁ ଅଧିକାର ଓ ସୁରକ୍ଷା, ବାଲ୍ୟ ବିବାହ ନିରାକରଣ, ପୋଷ୍ୟ ସନ୍ତାନ ଗ୍ରହଣ ଓ ଯୌନ ନିର୍ଯ୍ୟାତନାରୁ ଶିଶୁଙ୍କୁ ସୁରକ୍ଷା ଦେବା କ୍ଷେତ୍ରରେ ନବନିର୍ବାଚିତ ପଞ୍ଚାୟତ ପ୍ରତିନିଧି ମାନଙ୍କ ଭୂମିକା ଓ ଦାୟିତ୍ୱ ଢେର୍ ଅଧିକ। ଏ ନେଇ ମଙ୍ଗଳବାର ପାପଡାହାଣ୍ଡି ବ୍ଲକ ସଭାଗୃହରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଜିଲା ଶିଶୁ ସୁରକ୍ଷା ୟୁନିଟ ଦ୍ୱାରା ଆୟୋଜିତ ଏହି ଏକ ଦିବସୀୟ ତାଲିମ ଶିବିରରେ ବ୍ଲକ ଅଧକ୍ଷା ହେମଲତା ମାଝି ଅଧକ୍ଷତା କରିଥିଲେ। ବ୍ଲକର ଜଣେ ବି ଶିଶୁ ଯେପରି ସେମାଙ୍କର ଅଧିକାରରୁ ବଞ୍ଚିତ ନହୁଅନ୍ତି ସେ ଉପରେ ସମସ୍ତ ସରପଞ୍ଚମାନେ ଦାୟିତ୍ୱବାନ ହୁଅନ୍ତୁ ବୋଲି ପଞ୍ଚାୟତ ପ୍ରତିନିଧିଙ୍କୁ ଆହ୍ୱାନ ଦେଇଥିଲେ।

ଜିଲାରେ ଶିଶୁମାନଙ୍କୁ ସୁରକ୍ଷା ଦେବାରେ ନବ ନିର୍ବାଚିତ ପଞ୍ଚାୟତ ଲୋକପ୍ରତିନିଧିଙ୍କର କ'ଣ ଦାୟିତ୍ୱ ରହିଛି ସେ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ କହିଥିଲେ। ବ୍ଲକକୁ ଶିଶୁ ଶ୍ରମିକ ଓ ବାଲ୍ୟ ବିବାହ ମୁକ୍ତଭାବେ ଗଢି ତୋଳିବା ପାଇଁ ପଞ୍ଚାୟତ ପ୍ରତିନିଧିଙ୍କୁ ପାପଡାହାଣ୍ଡି ବିଡିଓ ରଞ୍ଜିତା ମଲ୍ଲିକ ନିବେଦନ କରିଥିଲେ। ସମସ୍ତ ନିର୍ଯ୍ୟାତନାରୁ ଶିଶୁମାନଙ୍କୁ ସୁରକ୍ଷା ଦେବାପାଇଁ ବ୍ଲକ ଉପାଧକ୍ଷ ସୁଶାନ୍ତ କୁମାର ବେହେରା ଅନୁରୋଧ କରିଥଲେ। ସାଧନ ବ୍ୟକ୍ତିଭାବେ ମନୋରମା ମାଝି, ଆକ୍ସନଏଡ ଜିଲା ପରାମର୍ଶଦାତା ଫକିର ଚରଣ ରାଉତ, ବ୍ଲକର ସମସ୍ତ ସରପଞ୍ଚ ଓ ସୁପରଭାଇଜର ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ ଲିଗାଲ ପ୍ରୋବେଶନ ଅଫିସର କିଶୋର ଚନ୍ଦ୍ର ମାର୍ଥା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଦେଶୀ ମଦ ଚାଲାଣ ବେଳେ ଜଣେ ଗିରଫ



ଜୟପୁର, ୨୬।୭ (ନି.ପ୍ର.)-ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢାଉ କରି ଜଣକୁ ଗିରଫ କରିଛି। ସେହେଲେ କଳାଗୁଡାର ରାଜେଶ ହିଆଲ (୨୧) । ଏକ ବାଇକ ଯୋଗେ ଦେଶୀ ମଦ ଧରି ରାଜେଶ ଜୟପୁର ସହରକୁ ଆସୁଥିବା ବେଳେ ପୂର୍ବରୁ ସୂଚନା ପାଇ ଅବକାରୀ କର୍ମଚାରୀ କୁଦାରିଗୁଡାଠାରେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ବାଇକ ସହ ୫୦ ଲିଟର ମଦ ଜବତ ହୋଇଛି। ଚଢାଉରେ ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ ତାଣ୍ଡି, ଏଏସ୍ଆଇ ଏମ. ଲକ୍ଷ୍ମଣ ରାଓ, ମାଧବେଶ ମାରାଣ୍ଡି ପ୍ରମୁଖ ସାମିଲ ହୋଇଥିଲେ।

### ଚୋରି ବାଇକ୍ ଜବତ,୩ ଗିରଫ

ଜୟପୁର, ୨୬।୭ (ନି.ପ୍ର.)-ଏକ ଚୋରି ବାଇକକୁ ମଙ୍ଗଳବାର ଜୟପୁର ସଦର ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଟାଙ୍କୁଆର ଜଳାକୁଣ୍ଡ ହରିଜନ, କୁନ୍ଦୁରା ଥାନା ଅନ୍ତର୍ଗତ ବୁଟୁଗୁଡା ଗ୍ରାମର କାଳିଆ ହରିଜନ ଓ ଗୋରାହାଣ୍ଡିର ମହେଶ୍ୱର ହରିଜନ। ସଦର ଥାନା ଅନ୍ତର୍ଗତ କୁମୁଲିପୁଟର ଶ୍ରୀକାନ୍ତ



ଗାଦବାଙ୍କ ବାଇକ୍ (ଓଡି ୧୦-୨୧୮୩) ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଏହାକୁ ଭିତ୍ତିକରି ପୋଲିସ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲା। ଟାଙ୍କୁଆ ନିକଟରେ ଏମ୍‌ଭିଆଇ ଚେକିଂ ଚାଲିଥିବା ବେଳେ ଏଠାରେ ଅଭିଯୁକ୍ତମାନେ ଧରାପଡିଥିଲେ। ଚୋରି ଗାଡିକୁ ଜବତ କରାଯାଇଛି। ଗିରଫ ପରେ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

### ମିଲ୍ ମାଲିକଙ୍କୁ ବ୍ଲେଣ୍ଡିଂ ମେଶିନ ସ୍ଥାପନ କରିବାକୁ ପ୍ରଶାସନର ପରାମର୍ଶ

ଜୟପୁର, ୨୬।୭ (ନି.ପ୍ର.)- ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମିଲରମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ବୈଠକରେ ଉପଜିଲାପାଳ ବେଦବର ପ୍ରଧାନ, ଜିଲା ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡା, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ପ୍ରିୟମ୍ବଦା ବେହେରା ଓ ସୁଶୀଳ ଜେନାଙ୍କ ସହ ୯୭ଟି ମିଲ୍‌ର ମାଲିକମାନେ ଉପସ୍ଥିତ ଥିଲେ। ମିଲର ମାଲିକମାନେ ନିଜ ମିଲରେ ବ୍ଲେଣ୍ଡିଂ ମେଶିନ ଶୀଘ୍ର ସ୍ଥାପନ କରିବାକୁ ବୈଠକରେ କୁହାଯାଇଛି । ଫଳରେ ମିଲିଂ ବେଳେ ପୋଷଣଯୁକ୍ତ ଚାଉଳ ବାହାରିବ । ଏହି ଚାଉଳ ଆଗାମୀ ଦିନରେ ମଧ୍ୟାହ୍ନଭୋଜନ ଓ ହିତାଧିକାରୀଙ୍କୁ ପ୍ରଦାନ କରାଯିବ।

### ଏମ୍‌ଭି-୪ ଗ୍ରାମରେ ରାଷ୍ଟ୍ରପତିଙ୍କ ପାଇଁ ଅଭିନନ୍ଦନ ସଭା

ମାଲକାନଗିରି,୨୬।୭ (ଡି.ଏନ.ଏ.)- ମାଲକାନଗିରି ଜିଲା ଏମ.ଭି.-୪ ଗ୍ରାମଠାରେ ସାନ୍ତାଳ ସମାଜ ବିକାଶ ପରିଷଦ ତରଫରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବିଜୟ୍ ଏବଂ ଶପଥ ଗ୍ରହଣ ଅବସରରେ ଏକ ସ୍ୱାଗତ ଅଭିନନ୍ଦନ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ପୂର୍ବତନ ବିଧାୟକ ମାନସ ମାଡକାମି ଯୋଗ ଦେଇଥିଲେ। ସାନ୍ତାଳ ସମାଜ ବିକାଶ ପରିଷଦ ସଭାପତି ବାବୁଲି ମୁର୍ମୁ, ସମ୍ପାଦକ ଷ୍ଟେପିନ ହେମ୍ବ୍ରମ, ଉପଦେଷ୍ଟା ଲାବନ ସୋରେନ, କୋଷାଧ୍ୟକ୍ଷ ଜି. ସୋରେନ, ଗ୍ରାମ ମୁଖିଆ ସୁନିଲ ମଣ୍ଡି ଓ ଏମ.ଭି.-୪ର ଗ୍ରାମବାସୀ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଣେ ସାନ୍ତାଳ ଝିଅ ହୋଇଥିବା ବେଳେ ଆଜି ସେ ଦେଶର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିବାରୁ ସମଗ୍ର ସାନ୍ତାଳ ସମାଜରେ ଖୁସିର ଲହରୀ ଖେଳିଯାଇଛି। ସେ ଦେଶର ଉନ୍ନତି ପାଇଁ ନିଶ୍ଚିତ ରୂପେ ଅନେକ ପଦକ୍ଷେପ ନେବେ ଏବଂ ଆମ ପାଇଁ ସଦାବେଳେ ଆମର ଗର୍ବ ହୋଇ ରହିବେ ବୋଲି ଉପସ୍ଥିତ ଅତିଥିମାନେ ପ୍ରକାଶ କରିଥିଲେ।

# ଶିଶୁ,ଗର୍ଭବତୀ ମହିଳାଙ୍କୁ ମିଳୁଛି ନିମ୍ନମାନର ଖାଦ୍ୟ

- ଗର୍ଭବତୀଙ୍କୁ ମିଳୁଥିବା ପୁଷ୍ଟିସାର ଖାଦ୍ୟ ଖାଇ ହେଉନି
- ସୁପରଭାଇଜର, ସିଡିପିଓ କୌଣସି ପଦକ୍ଷେପ ନେଉନାହାନ୍ତି
- ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ଦାବି

ଦଶମନ୍ତପୁର,୨୬।୭ ( ଡ଼ି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର କୋମଳମତି ଶିଶୁମାନଙ୍କୁ ନିମ୍ନମାନର ଖାଦ୍ୟ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ଚିକାମ୍ବ ପଞ୍ଚାୟତ ମାଙ୍କଡ଼ମୁଣ୍ଡି ଗ୍ରାମର କେତେକ ହିତାଧିକାରୀ ଅଭିଯୋଗ କରିଛନ୍ତ। ଯେଉଁ ଖାଦ୍ୟ ଛତୁଆ ବୋଲି ମିଳୁଛି ତାହା ଶିଶୁ ଖାଦ୍ୟ ପାଇଁ ଉପଯୋଗୀ ନୁହେଁ। ଏଥିରେ ସ୍ୱଳ୍ପ ବାଦାମ, ଅଧିକ ମକା, କମ୍ ପରିମାଣର ଗହମ ମିଶ୍ରଣ ହେଉଛି। ତାହା ପ୍ରକୃତରେ ପୁଷ୍ଟିସାର ଖାଦ୍ୟ ନୁହେଁ । ଏଭଳି ଖାଦ୍ୟ ଶିଶୁ କିମ୍ବା ଗର୍ଭବତୀ ମହିଳାମାନେ ଖାଇଲେ ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ହେବ ବୋଲି ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ୫/୬ ମାସକୁ ଥରେ ୫ଟି ଅଣ୍ଡା ମିଳୁଛି। ଛତୁଆର ମାନ ଠିକ୍ ରହୁ ନ ଥିବାରୁ ଶିଶୁମାନେ ଅପପୁଷ୍ଟିର ଶିକାର ହେଉଛନ୍ତି ବୋଲି ସ୍ୱାସ୍ଥ୍ୟ



ମିଳୁଥିବା ନିମ୍ନମାନର ଛତୁଆକୁ ଜଣେ ହିତାଧିକାରୀ ଦେଖାଉଛନ୍ତି।

ବିଭାଗ କର୍ମଚାରୀମାନେ ଅନୁଧ୍ୟାନ ବେଳେ ପ୍ରକାଶ କରିଛନ୍ତି। କେତେକ ଗର୍ଭବତୀଙ୍କୁ ଆରମ୍ଭରୁ ପୁଷ୍ଟିସାର ଖାଦ୍ୟ କେନ୍ଦ୍ର ପକ୍ଷରୁ ମିଳୁ ନ ଥିବା ଗର୍ଭବତୀ ମହିଳାମାନେ ଅଭିଯୋଗ କରିଛନ୍ତି। ଏବେ ଯାହା ମିଳୁଛି ସେଗୁଡିକ ଖରାପ ଥିବାରୁ ଖାଇବା ପରିବର୍ତ୍ତେ ଆମେ ଫୋପାଡି ଦେଉଛୁ ବୋଲି ଗ୍ରାମର ନାଇକା ମାଣ୍ଡିଙ୍ଗ୍, କୌଶଲ୍ୟା ମାଝୀ, ସିତମା ଜାନୀ, ସୁଲମେ ମାଝୀ ପ୍ରମୁଖ କହିଛନ୍ତି। ଅନ୍ୟ ପକ୍ଷରେ ତଦାରଖକାରୀ ସୁପରଭାଇଜର ଓ ସିଡିପିଓ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ସେମାନେ ଛତୁଆ ପ୍ରସ୍ତୁତ ସମୟରେ ତଦାରଖ କରୁ ନ ଥିବାରୁ ଏହାର ସୁଯୋଗ ନେଇ ନିମ୍ନମାନର ଶିଶୁ ଖାଦ୍ୟ ପ୍ରସ୍ତୁତ ହେଉଛି। ଫଳରେ ଏବେ ଦଶମନ୍ତପୁର ବ୍ଲକର ଡୁମ୍ବାଗୁଡା, ଗିର୍ଲିଗୁମା, ଚିକାମ୍ବ ଭଳି କେତେକ ପଞ୍ଚାୟତରେ ଶିଶୁମାନେ ଅପପୁଷ୍ଟିର ଶିକାର ହେଇଥିବା ଦେଖିବାକୁ ମିଳୁଛି। ତୁରନ୍ତ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏସମ୍ପର୍କରେ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମମତା ଦାଶଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଛତୁଆ ଓଜନ ଠିକ୍ ରହୁଛି। ହେଲେ ମାନ ଯଦି କମି ଯାଉଛି ତାହା ହେଲେ ଠିକ୍ ଭାବେ ଦେବାକୁ କହିବି ବୋଲି ପ୍ରକାଶ କରିଛନ୍ତି।



କୋରାପୁଟ ଜିଲା ସେମିଳିଗୁଡା ସହରରେ ଅଳ୍ପ ବର୍ଷାରେ ଶୋଚନୀୟ ହୋଇପଡୁଥିବା ରାସ୍ତା ।

# ଅସରାଏ ବର୍ଷାରେ ବେହାଲ ରାସ୍ତା

ସେମିଳିଗୁଡ଼ା/ସୁନାବେଡ଼ା, ୨୬।୭(ସ୍ୱ.ପ୍ର.)

ପୂର୍ତ୍ତ ବିଭାଗ ଅଧୀନରେ ଥିବା ସେମିଳିଗୁଡ଼ା–ନନ୍ଦପୁର ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। ଅସରାଏ ବର୍ଷା ହେଲେ ରାସ୍ତା ଅବସ୍ଥା ବେହାଲ ହୋଇଯାଉଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରିବା ଲୋକଙ୍କ ପକ୍ଷରେ କଷ୍ଟକର ହୋଇ ପଡୁଛି। ଟ୍ରାଫିକ ଛକଠାରୁ ଷ୍ଟେଟ ବ୍ୟାଙ୍କ ଏବଂ ବିଲେଇଗୁଡ଼ା ଯାଏ ୨କି.ମି. ରାସ୍ତା ଉପରେ ସୃଷ୍ଟି ହୋଇଛି ବଡ଼ ବଡ଼ ଖାଲ। ଏଥିଯୋଗୁ ଏହି ଅଞ୍ଚଳରେ ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣାମାନ ଘଟୁଛି। ଏହି ରାସ୍ତାର ପାର୍ଶ୍ୱରେ ବହୁ ସରକାରୀ କାର୍ଯ୍ୟାଳୟ ସହିତ ପୋଲିସ ଥାନା, ଆର୍‌ଆଇ ଅଫିସ, ଗ୍ରାମୀଣ ନ୍ୟାୟାଳୟ, ବନ ବିଭାଗ କାର୍ଯ୍ୟାଳୟ ଏବଂ ମେଡିକାଲ ରହିଛି। ପ୍ରତିଦିନ ବହୁ ସରକାରୀ ଅଧିକାରୀ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିଲେ ମଧ୍ୟ ରାସ୍ତା ଅବସ୍ଥାରେ ସୁଧାର ଆଣିବା ଲାଗି କେହି ପଦକ୍ଷେପ ନେଉନାହାନ୍ତି। ପ୍ରାୟ ୩ ବର୍ଷ ତଳେ ପୂର୍ତ୍ତ ବିଭାଗ ଏହି ରାସ୍ତା ମରାମତି କରିଥିଲା । ଏବେ ତାହା ମରଣଯନ୍ତା ପାଲଟିଲାଣି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଶୀଘ୍ର ଏହି ରାସ୍ତା ନୂତନ ଭାବେ ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ଶ୍ମଶାନର ଉନ୍ନତୀକରଣ ନେଇ ପୌର ପ୍ରଶାସନର ନିଷ୍ପତ୍ତି

ସେମିଳିଗୁଡ଼ା/ସୁନାବେଡ଼ା ୨୬।୭ (ସ୍ୱ.ପ୍ର.)

ସେମିଳିଗୁଡ଼ା ନାଲ୍‌କୋ ଛକ ନିକଟରେ ଥିବା ଶ୍ମଶାନର ଉନ୍ନତୀକରଣ ହେବ। ମଙ୍ଗଳବାର ପୋରାଧକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ରଙ୍କ ସହିତ ପୌର ନିର୍ବାହୀ ଅଧିକାରୀ ଗୋବିନ୍ଦ ଦନସେନା, ସିଓ ଚିତ୍ତରଞ୍ଜନ ସାହୁ ଓ କାଉନସିଲର ଦୟା କୁଲଦୀପ ଶ୍ମଶାନ ଅଞ୍ଚଳକୁ ଯାଇ



ବୁଲି ଦେଖିଛନ୍ତି। ମଶାଣିକୁ ଯାଇଥିବା ରାସ୍ତାର ଉନ୍ନତି ସହ ଉକ୍ତ ଅଞ୍ଚଳରେ ସୋଲାର ଲାଇଟ୍ ବ୍ୟବସ୍ଥା କରି ଏହାର ସୌନ୍ଦର୍ଯ୍ୟକରଣ କରାଯିବାକୁ ଆଲୋଚନା ହୋଇଛି। ଏଥିସହ ମୃତଦେହ ଦାହ ପାଇଁ ଗୃହ ନିର୍ମାଣ ସହ ଏହି ସମୟରେ ଲୋକଙ୍କ ରହିବା ନିମନ୍ତେ ରେଷ୍ଟ ସେଡ୍‌ର ବ୍ୟବସ୍ଥା କରାଯିବା ଲାଗି ସ୍ଥିର ହୋଇଛି। ଏ ସମସ୍ତ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ହେବ ବୋଲି ପୌରାଧକ୍ଷ କହିଛନ୍ତି। ସୂଚନାଯୋଗ୍ୟ, ଶ୍ମଶାନରେ ମୃତଦେହ ଦାହ ସମୟରେ ସ୍ଥାନୀୟ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାର ଉନ୍ନତୀକରଣ ଲାଗି ଲୋକେ ବହୁବାର ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ।

# ବିଭିନ୍ନ ଆବାସିକ ବିଦ୍ୟାଳୟ ଗସ୍ତ କଲେ ଜିଲା ପରିଷଦ ଅଧ୍ୟକ୍ଷା

**ସମସ୍ୟା ସମାଧାନ କରିବାକୁ ପିଏ ଆଇଟିଡିଏଙ୍କୁ ନିର୍ଦ୍ଦେଶ**

ମାଲକାନଗିରି,୨୬।୭(ଡି.ଏନ.ଏ.)

ମାଲକାନଗିରି ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ ମଙ୍ଗଳବାର ଜିଲାର ବିଭିନ୍ନ ଆବାସିକ ବିଦ୍ୟାଳୟ ଗସ୍ତ କରି ସେଠାରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ଟାଙ୍ଗୁଲ ମଟାପକା ଆବାସିକ ବିଦ୍ୟାଳୟ, କଟାମାଟେରୁ ଆବାସିକ ବିଦ୍ୟାଳୟ, ତଣ୍ଡକି ଆବାସିକ ବିଦ୍ୟାଳୟ, ଚାଲାଣଗୁଡା, ଟିଂଟିବିରି ଆଶ୍ରମ ବିଦ୍ୟାଳୟ ଓ ଗୋରାଖୁଣ୍ଟା ଆବାସିକ ବିଦ୍ୟାଳୟ ଗସ୍ତ କରି ସେଠାରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। କେତେକ ବିଦ୍ୟାଳୟରେ ଶ୍ରେଣୀ ଗୃହ ନଷ୍ଟ ହୋଇଯାଇଥିବା, ଛାତରୁ ପାଣି ଗଳିବା, ପିଲାଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା ନ ଥିବା ଦେଖି ସେ କ୍ଷୋଭ ପ୍ରକାଶ କରିଥିଲେ। ତୁରନ୍ତ ଏହାର ସମାଧାନ ପାଇଁ ପିଏ ଆଇଟିଡିଏ ତ୍ରିନାଥ ମାଝୀ ଏବଂ ବ୍ଲକ ମଙ୍ଗଳ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଉପରୋକ୍ତ ବିଦ୍ୟାଳୟଗୁଡିକର ଏହି ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ମାଝୀ ପ୍ରତିଶ୍ରୁତି ଦେଇଥିଲେ। ଏହି ଗସ୍ତ ସମୟରେ ମାଲକାନଗିରି ବ୍ଲକ ଜୋନ–୨ ଜିଲା ପରିସଦ ସଦସ୍ୟ ମୁକା ମାଡକାମୀ, ମାଲକାନଗିରି ବ୍ଲକ ଅଧ୍ୟକ୍ଷା ଗୌରୀ ପଡିଆମୀ, ଚାଲନଗୁଡା ସରପଞ୍ଚ ଅରକ୍ଷିତ ନାୟକ, ଜୋନ ସଭାପତି ସୁବାସ ବାନାର୍ଜୀ, ବରିଷ୍ଠ ନେତା ପ୍ରଫୁଲ୍ଲ ପଣ୍ଡା, ସମିତିସଭ୍ୟ ଆନନ୍ଦ ମାଲାକାର ପ୍ରମୁଖ ଉପସ୍ଥିତ ଥିଲେ।



ଏକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଗହଣରେ ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ।

## ସ୍ୱାଧୀନତା ଦିବସ ନେଇ ପ୍ରସ୍ତୁତି ବୈଠକ



ବୈଠକରେ ଜିଲାସ୍ତରୀୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ମାଲକାନଗିରି,୨୬।୭ (ଡି.ଏନ୍.ଏ.)

ଆସନ୍ତା ଅଗଷ୍ଟ ୧୫ ତାରିଖରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଜିଲା ସଦର ମହକୁମା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଳଭଦ୍ର ଦୀପ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟଙ୍କ ସହ ବିଭିନ୍ନ ବିଭାଗର ପଦାଧିକାରୀ, ବିଦ୍ୟାଳୟ ମହାବିଦ୍ୟାଳୟର ପ୍ରଧାନଶିକ୍ଷକ, ଅଧ୍ୟକ୍ଷ, ଅଧ୍ୟାପକ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗତବର୍ଷର ସମାରୋହର ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ଡିଏନ୍‌କେ ଖେଳ ପଡିଆରେ ସ୍ୱାଧୀନତା ଦିବସ ପାଳନ ହେବ । ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ବକ୍ତୃତା, ରଚନା ପ୍ରତିଯୋଗିତା କରାଯିବ ବୋଲି ସେ ସୂଚନା ଦେଇଥିଲେ। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ବାରିକେଟ୍, ହେଲିପ୍ୟାଡ୍, ମଞ୍ଚ ପ୍ରସ୍ତୁତି, ପୌର ପରିଷଦ ପକ୍ଷରୁ ପରିମଳ ବ୍ୟବସ୍ଥା, ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ, ପୋଲିସ ବାହିନୀ, ଛାତ୍ରୀଛାତ୍ରଙ୍କୁ ନେଇ ପରେଡ, ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଯାନବାହାନ ନିୟନ୍ତ୍ରଣ ଦାୟିତ୍ୱ ପୋଲିସ ବିଭାଗକୁ ପ୍ରଦାନ କରାଯାଇଥିଲା। ସେହିପରି ଡାକ୍ତରଖାନାରେ ରୋଗୀମାନଙ୍କ ପାଇଁ ପରିବର୍ତ୍ତନ ସଂସ୍ଥା ଫଳ ବଣ୍ଟନ କରିବା ସହ ମାଲକାନଗିରି ସହର ନିକଟସ୍ଥ ଶ୍ମଶାନରେ ବୃକ୍ଷରୋପଣ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଟ୍ରଫିଗୁଡିକ ଭାରତୀୟ ଷ୍ଟେଟ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯିବ। ଅପରାହ୍ନରେ ଜିଲା ପ୍ରଶାସନ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ହେବ।

## ସଫେଇ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଜୟପୁର ୨୬।୭ (ନି.ପ୍ର.)

ଜୟପୁର ପୌର ପରିଷଦ ଅଧୀନ ସମସ୍ତ ସଫେଇ କର୍ମଚାରୀଙ୍କ ପାଇଁ ମଙ୍ଗଳବାର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି । ସ୍ଥାନୀୟ ଟାଉନ ହଲ୍‌ଠାରେ ହୋଇଥିବା ଏହି ଶିବିରରେ ଜଗଧାତ୍ରୀପୁର ସହରାଞ୍ଚଳ ଆରୋଗ୍ୟ କେନ୍ଦ୍ର ଓ ଏଲଆର କୁମ୍ଭାରସାହି ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ଡାକ୍ତରମାନେ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ୧୮୦ କର୍ମଚାରୀ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ ।



ସଫେଇ କର୍ମଚାରୀମାନେ ସ୍ୱାସ୍ଥ୍ୟ ପରୀକ୍ଷା କରାଉଛନ୍ତି।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କାର୍‌ଗିଲ ବିଜୟ ଦିବସ ପାଳନ

ଜୟପୁର, ୨୬।୭ (ନି.ପ୍ର.)

ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କାର୍‌ଗିଲ ବିଜୟ ଦିବସ ପାଳନ ହୋଇଛି । ଜୟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ଅରବିନ୍ଦ ଚରଣ ମହାପାତ୍ର ଓ ଏନ୍‌ସିସି ଶିକ୍ଷୟିତ୍ରୀ ଏନ୍.ବି . ଭାସ୍କର ଆମ୍ମା ନେତୃତ୍ୱରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀମାନେ ସାମିଲ ହୋଇଥିଲେ । ଏହି ଅବସରରେ ଏକ କୁଇଜ ପ୍ରତିଯୋଗିତା ହୋଇଥିଲା। ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ସେହିପରି ଜୟପୁର ବିକ୍ରମଦେବ କଲେଜରେ ମଧ୍ୟ କାର୍‌ଗିଲ ବିଜୟ ଦିବସ ପାଳନ ହୋଇଛି । ଏହି ଦିବସ ଅବସରରେ କଲେଜର ଏନସିସି ଛାତ୍ର ଓ ଅନ୍ୟ ଛାତ୍ରୀଙ୍କୁ ନେଇ ଏକ ଶୋଭାଯାତ୍ରା ବାହାରିଥିଲା। କଲେଜରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ଏକ ଆଲୋଚନାଚକ୍ର ହୋଇଥିଲା। ଅଧ୍ୟକ୍ଷ ଗୋପାଳ ହାଲ୍‌ଦାର, ଏନସିସି ଶିକ୍ଷକ ଲକ୍ଷ୍ମଣ ପାତ୍ର, ଏମଡି ସରିଫ, ନିଶାନ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।




ଜୟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ବନ୍ୟା ପରିଚାଳନାରେ ସଫଳତା ପାଇଁ ଜିଲାପାଳଙ୍କୁ ସମ୍ମାନିତ କଲା ଓକିଲ ସଂଘ

ମାଲକାନଗିରି,୨୬।୭(ଡି.ଏନ.ଏ.)

ମାଲକାନଗିରି ଜିଲାରେ ଗତ କିଛିଦିନ ତଳେ ଲଗାଣ ବର୍ଷା ଯୋଗୁ ମୋଟୁ ତହସିଲ ଅଞ୍ଚଳର ବହୁ ଗ୍ରାମରେ ପାଣି ପଶିବା ଓ ସୀମାନ୍ତ ରାଜ୍ୟକୁ ଯାତାୟାତ ବନ୍ଦ ଯୋଗୁ ଶହ ଶହ ଗାଡି ଅଟକି ରହିଥିଲା। ଏହି ପରିସ୍ଥିତିରେ ମାଲକାନଗିରି ଜିଲାପାଳ ବିଶାଳ ସିଂ ପ୍ରଶାସନିକ ଅଧିକାରୀମାନଙ୍କୁ ନେଇ ଯେପରି ସହାୟତା କରି ବନ୍ୟାପୀଡିତ ଲେକମାନଙ୍କୁ ସୁରକ୍ଷା ଦେଇଥିଲେ ସେଥିପାଇଁ ଜିଲାପାଳଙ୍କୁ ତାଙ୍କ କର୍ଯ୍ୟାଳୟରେ ମଙ୍ଗଳବାର ଓକିଲ ସଂଘ ପକ୍ଷର ସମ୍ମାନିତ କରାଯାଇଛି। ଜିଲାପାଳଙ୍କ ଜିଲା ପ୍ରତି କର୍ତ୍ତବ୍ୟ ଓ ବିଭିନ୍ନ କ୍ଷେତ୍ରରେ ଉନ୍ନୟନମୂଳକ ପଦକ୍ଷେପକୁ ସଂଘ ପ୍ରଶଂସା କରିଛି। ଏହି ଅବସରରେ ଓକିଲ ସଂଘ ସଭାପତି ପ୍ରକାଶ ମହାନ୍ତି, ସମ୍ପାଦକ ନୃସିହ ଚରଣ ମହାନ୍ତି, ଉପ ସଭାପତି ରଞ୍ଜିତ ସାନା, ସହ ସମ୍ପାଦକ ରାଜେଶ ପଟ୍ଟନାୟକ, ଆଇନଜୀବୀ ପତିତପାବନ ବୈଦ୍ୟ, ଜୟନ୍ତ ସରକାର ପ୍ରମୁଖ ଉପସ୍ଥିତ ଥିଲେ।



ଓକିଲ ସଂଘ ପକ୍ଷରୁ ଜିଲାପାଳଙ୍କୁ ସମ୍ମାନିତ କରାଯାଉଛି।

# ସିଆର୍‌ସିସିଙ୍କ ସମ୍ପୃକ୍ତି ଅଭିଯୋଗକୁ ଶିକ୍ଷକ ସଂଘର ବିରୋଧ

କୋରାପୁଟ,୨୬।୭(ସ୍ୱ.ପ୍ର.)

ରାଜ୍ୟ ସରକାର ପିଏମ୍ ପୋଷଣ ଯୋଜନାରେ ସ୍କୁଲଗୁଡ଼ିକରେ ମଧ୍ୟାହ୍ନଭୋଜନ ଚାଉଳ ବଣ୍ଟନରେ ହୋଇଥିବା ଅନିୟମିତତା ଅଭିଯୋଗକୁ ଆଧାରକରି କୋରାପୁଟ ଜିଲାରେ କାର୍ଯ୍ୟରତ ୧୧୪ ଜଣ ସିଆର୍‌ସିସି ଓ ୧୩ ଜଣ ଡାଟା ଏଣ୍ଟ୍ରି ଅପରେଟରଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିଲା। ତେବେ ଏଥିରେ ସିଆର୍‌ସିସିମାନଙ୍କ ସମ୍ପୃକ୍ତି ନାହିଁ ଦାବିକରି ମଙ୍ଗଳବାର ଶିକ୍ଷକ ସଂଘ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଛି। କୋରାପୁଟ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ହରିଜନଙ୍କ ନେତୃତ୍ୱରେ ମଧ୍ୟ ଶତାଧିକ ସିଆର୍‌ସିସି ଜିଲା ଶିକ୍ଷାଧିକାରୀଙ୍କୁ ଭେଟି ରାଜ୍ୟ ସରକାରଙ୍କ ଆଦେଶ ଉପରେ



ସିଆର୍‌ସିସିମାନଙ୍କ ବିରୋଧ ନିଆଯାଇଥିବା ପଦକ୍ଷେପକୁ ଶିକ୍ଷକ ସଂଘ ଓ ଭାଜପା କର୍ମକର୍ତ୍ତା ବିରୋଧ କରୁଛନ୍ତି।

ପୁନର୍ବିଚାର କରିବାକୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ସିଆର୍‌ସିସି ଓ କମ୍ପ୍ୟୁଟର ଡାଟାଏଣ୍ଟ୍ରି ଅପରେଟରମାନଙ୍କ ବିରୋଧରେ ନିଆଯାଇଥିବା ନିଷ୍ପତ୍ତି ପ୍ରତ୍ୟାହାର କରିବା ପାଇଁ ଭାଜପା ନେତା ଗୌତମ ସାମନ୍ତରାୟ ଦାବି କରିଛନ୍ତି। ମଧ୍ୟାହ୍ନଭୋଜନ ଦୁର୍ନୀତି ସାରା ରାଜ୍ୟରେ ବ୍ୟାପିଥିବା ବେଳେ ଏହାର ସିବିଆଇ କିମ୍ବା ବିଚାର ବିଭାଗୀୟ ତଦନ୍ତ କରିବା ପାଇଁ ଭାଜପା ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକଙ୍କୁ ପଚାରିବାରୁ ସେ କହିଲେ, ମଧ୍ୟାହ୍ନଭୋଜନ ଚାଉଳ ଦୁର୍ନୀତି ମାମଲାର ତଦନ୍ତ ଚାଲୁ ରହିଛି। ରିପୋର୍ଟ ହସ୍ତଗତ ପରେ ସେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି।

**ମଧ୍ୟାହ୍ନଭୋଜନ ଚାଉଳ ଦୁର୍ନୀତି ଘଟଣା**

